SAGAR CEMENT
ସାଗର ସିମେଣ୍ଟ
ମାନେ ସବୁଠୁ ଭଲ
C & F Agent
KUTHARI AGENCY
RLY. GOODS SHED ROAD, BERHAMPUR-8
Mob. : 9437065036

THE ANUPAM BHARAT
ଅନୁପମ ଭାରତ
www.anupambharatonline.com
PUBLISHED FROM ● BRAHMAPUR ● BHUBANESWAR ● RAYAGADA

ACC
Sudarsan Misra
Cell: +91 9337501710
-Premium Dealer-
KANHA TRADERS
Gandhi Nagar, Main Road,
Berhampur, Ganjam-760001
Fax/Ph.: +91 0680 2220750
Email: kanhatraders.2008@rediffmail.com

ଭୁବନେଶ୍ୱର | ରବିବାର, ୧୯ ମାର୍ଚ୍ଚ ୨୦୧୮ | (୧୨ ପୃଷ୍ଠା) | ତିନିଟଙ୍କା

ଆଜିର ଆନୁଚିନ୍ତା

କ୍ରୋଧୋ ବୈବ ସୂତୋ ରାଜା
ତୃଷ୍ଣା ବୈତରଣୀ ନଦୀ
ବିଦ୍ୟା କାମ ଦୁଘା ଧେନୁଃ
ସନ୍ତୋଷୋ ନନ୍ଦନ ବନମ୍ ।

କ୍ରୋଧ ବୈବସୂତ ରାଜା ଅର୍ଥାତ୍ ଯମ ବା ମୃତ୍ୟୁ ସଦୃଶ ଅଟେ । ତୃଷ୍ଣା ବୈତରଣୀ ନଦୀ ପରି, ବିଦ୍ୟା କାମଧେନୁ ସଦୃଶ । ସନ୍ତୋଷ ହେଉଛି ସ୍ୱର୍ଗର ନନ୍ଦନ କାନନ ।

ଯାହା କହିଲେ ରଥେ...



ଧନ୍ୟ ରାମନାଥ ଓଡିଶା ମାଟିର
କହିଲ ଅନେକ କଥା...
ରାଷ୍ଟ୍ରପତି ଭାବେ ଓଡିଶା ଅଇଲ
ଆମର ଉଚ୍ଚାଟ ମଥା...
ବିନମ୍ର ମୂରତି ଧନ୍ୟ ଘେନା କର
ଜାତିର ପ୍ରଣାମ ଯଥା...

ଖବର ସଂକ୍ଷେପରେ

- ବିଶ୍ୱବ୍ୟାଙ୍କ ରିପୋର୍ଟକୁ ଆଧାର କରି ଏକକ ଟିକସ ଜିଏସ୍‌ଟି ବ୍ୟବସ୍ଥାକୁ ...ଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧିଙ୍କ ଭର୍ତ୍ସନା ।

ଆଇଆଇଟିର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ରାଜ୍ୟପାଳ ଏସ୍‌ସି ଜମିର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ।

ଆଇଆଇଟି ସମାବର୍ତ୍ତନ ଉତ୍ସବ

ସମାଜ ପାଇଁ କାମ କରିବାକୁ କୋବିନ୍ଦଙ୍କ ଆହ୍ୱାନ

ଭୁବନେଶ୍ୱର,୧୮।୩ (ଅନୁପମମିଡ଼ିଆ): ଇଣ୍ଡିଆନ ଇନିଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ବା ଆଇଆଇଟି ଭୁବନେଶ୍ୱରର ୬ଷ୍ଠ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଛାତ୍ରଛାତ୍ରମାନଙ୍କ ଲାଗି ରବିବାର ବେଶ୍ ପ୍ରେରଣାଦାୟୀ ଉଦ୍‌ବୋଧ ଦେଇଥିଲେ । ରାଷ୍ଟ୍ରପତି ନିଜ ଅଭିଭାଷଣରେ କହିଥିଲେ ଯେ ସମ୍ମାନଜନକ ଅନୁଷ୍ଠାନରେ ଅଧ୍ୟୟନ କରିବା ସୌଭାଗ୍ୟରେ ବିଷୟ । ଏଠାରୁ ଉତ୍ତୀର୍ଣ୍ଣ ହେଲା ପରେ ଛାତ୍ରଛାତ୍ରୀମାନଙ୍କୁ ଏକ ସୁନେଲି ଭବିଷ୍ୟତ ସ୍ୱାଗତ କରିଥାଏ । ଅନେକ କର୍ମନିଯୁକ୍ତିର ସୁଯୋଗ ଅପେକ୍ଷା କରି ରହିଥାଏ । କେବଳ ନିଜ ପରିବାର ପାଇଁ ନୁହେଁ ସମାଜ ପାଇଁ କାର୍ଯ୍ୟ କରିବାକୁ ମଧ୍ୟ ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ସେ ଆହ୍ୱାନ ହେଇଥିଲେ । କେତେକ ପ୍ରତିଭାସମ୍ପନ୍ନ ଛାତ୍ରଛାତ୍ରୀ ଚାକିରୀ ନକରି ନିଜର ଉଦ୍ୟୋଗ ଆରମ୍ଭ କରିପାରନ୍ତି । ସେହିଛାତ୍ରଛାତ୍ରୀମାନେ ପ୍ରାପ୍ତ ଶିକ୍ଷା ଅନୁସାରେ ଏବଂ ନିଜର ଧୀମତ୍ତା ଅନୁସାରେ ନୂତନ ଉଦ୍ୟୋଗ ସ୍ଥାପନ କରି ଅନେକ କର୍ମନିଯୁକ୍ତି ସୃଷ୍ଟି କରିପାରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ । ନିଜ ପରିବାର ଦାୟିତ୍ୱ ନିର୍ବାହ କରିବା ସହିତ ସମାଜ ଓ ରାଷ୍ଟ୍ର ଗଠନରେ ପ୍ରତ୍ୟେକ ଆଇଆଇଟି ଶିକ୍ଷାପ୍ରାପ୍ତ ମହତ୍ୱପୂର୍ଣ୍ଣ ଯୋଗଦେବାକୁ ସେ ଅନୁରୋଧ କରିଥିଲେ ।

▶୧୧ଶ ପୃଷ୍ଠା ଦେଖନ୍ତୁ

ଦେଶବାସୀଙ୍କ ସୁଖ ସମୃଦ୍ଧି ମଙ୍ଗଳକାମନା କଲେ ରାଷ୍ଟ୍ରପତି

ପୁରୀ,୧୮।୩(ଅନୁପମମିଡ଼ିଆ): ରବିବାର ସକାଳେ କଡା ସୁରକ୍ଷା ବଳୟ ମଧ୍ୟରେ ଭାରତର ମହାମହିମ ରାଷ୍ଟ୍ରପତି ସପତ୍ନୀଙ୍କ ଶ୍ରୀମନ୍ଦିରକୁ ଯାଇ ରତ୍ନ ସିଂହାସନରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିଛନ୍ତି । ଓଡିଆ ହିନ୍ଦୁ ନବବର୍ଷ ଉପଲକ୍ଷେ ରାଷ୍ଟ୍ରପତି ଚତୁର୍ଦ୍ଧାମୂର୍ତ୍ତିଙ୍କ ନିକଟରେ ଦେଶବାସୀଙ୍କର ସୁଖ, ସମୃଦ୍ଧି, ମଙ୍ଗଳମୟ ଜୀବନ ପାଇଁ ପ୍ରାର୍ଥନା କରିଛନ୍ତି। ସକାଳ ସାଢ଼େ ୭ଟାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ଧର୍ମପତ୍ନୀ ସବିତା କୋବିନ୍ଦ ଛାନୀୟ ସ୍ୱତନ୍ତ୍ର ସର୍କିଟ ହାଉସ ଠାରୁ କଡା ସୁରକ୍ଷା ବଳୟ ମଧ୍ୟରେ ଆସି ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ସେଠାରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ କୁମାର ଜେନା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡିଶା ସରକାରଙ୍କ ରାଜସ୍ୱ ...

ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନର ଶତ ବାର୍ଷିକ ଉତ୍ସବ

'ସଂସ୍କୃତ ଭାଷା ଶିଖିବା ଓ ଜାଣିବା ବିଦ୍ୱାନର ପରିଚୟ'

ପୁରୀ,୧୮।୩(ଅନୁପମମିଡ଼ିଆ): ପ୍ରାଚୀନକାଳରେ ସଂସ୍କୃତ କେବଳ କଳା, ସାହିତ୍ୟର ଭାଷା ନଥିଲା। ଏହା ଜ୍ଞାନ ବିଜ୍ଞାନର ମଧ୍ୟ ଭାଷା ଥିଲା। ବସୁଦେବ କୁଟୁମ୍ବକମ୍ ଆଦର୍ଶକୁ ଆଜି ମଧ୍ୟ ଭାରତୀୟ ସଂସ୍କୃତ ଭାଷା ବଜାୟ ରଖିଛି। ଜଗନ୍ନାଥ ଧାମ ପୁରୀକୁ ବିଦ୍ୟାନଗରୀ ଓ ପୂର୍ବ ଭାରତର କାଶୀ ...ବିଭିନ୍ନ କୋଣ ଓ ଅନୁକୋଣ ସମେତ ଦେଶ ବିଦେଶରୁ ଲୋକମାନେ ଏଠାକୁ ରଥଯାତ୍ରା ଦେଖିବା ପାଇଁ ଆସିଥାନ୍ତି। ଏହା ସମତା, ଶାନ୍ତି, ବିଶ୍ୱ ବନ୍ଧୁତ୍ୱର ବାର୍ତ୍ତା ପ୍ରଚାର କରେ ବୋଲି ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନର ଶତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଏହା କହିଛନ୍ତି ଭାରତର ମହାମହିମ ରାଷ୍ଟ୍ରପତି ...ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ମହାପ୍ରଭୁ ଜଗନ୍ନାଥଙ୍କର ସମ୍ମାନାର୍ଥେ ରାଷ୍ଟ୍ରପତି ଏକ ହଜାର ଟଙ୍କା ମୁଦ୍ରା ଓ ଦଶ ଟଙ୍କା ମୁଦ୍ରା ଉନ୍ମୋଚନ କରିଛନ୍ତି। ସଂସ୍କୃତ ସଂସ୍ଥାନ ଏକଶହ ବର୍ଷ ପୂର୍ଣ୍ଣ କରୁଥିବାରୁ ଏବଂ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ପାଇଁ କାର୍ଯ୍ୟ କରୁଥିବାରୁ ରାଷ୍ଟ୍ରପତି ଆନନ୍ଦ ପ୍ରକାଶ କରିଥିଲେ। ସଂସ୍କୃତ ଭାଷା ଜାଣିବା ସହ ...ଜାତିକୁ ସମୃଦ୍ଧ କରିଛି। ସମସ୍ତ ଭାରତୀୟ ଭାଷାର ଜନନୀ ହେଉଛି ସଂସ୍କୃତ ଭାଷା। ଦେଶର ଏକତା, ଅଖଣ୍ଡତା ଓ ଏକାଗ୍ରତା ପାଇଁ ମଧ୍ୟ ସଂସ୍କୃତ ଭାଷାର ଯଥେଷ୍ଟ ଅବଦାନ ରହିଛି।

ପ୍ରାଚୀନକାଳରେ ସଂସ୍କୃତ କେବଳ କଳା, ସାହିତ୍ୟର ଭାଷା ନଥିଲା। ଏହା ଜ୍ଞାନ ବିଜ୍ଞାନର ମଧ୍ୟ ଭାଷା ଥିଲା। ଜଗନ୍ନାଥ ଧାମ ପୁରୀକୁ ବିଦ୍ୟାନଗରୀ